# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 12th December - 2025
**********************************
*IPR*

## ମୁଖ୍ୟମନ୍ତ୍ରୀ - କଟକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକର ସ୍ପେଶାଲ୍ ସର୍କିଟ୍ ହାଉସ୍ର ନୂତନ ଆନେକ୍ସ ବିଲ୍ଡିଂ ସହ ନୂଆ ତହସିଲ୍ କାର୍ଯ୍ୟାଳୟ ଓ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସବୁ କ୍ଷେତ୍ରରେ ଲୋକଙ୍କୁ ସହଜରେ ଓ ସୁବିଧାରେ ବିଭିନ୍ନ ସରକାରୀ ସେବା ଯୋଗାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଜମିଜମା ସଂକ୍ରାନ୍ତୀୟ ସମସ୍ୟାପାଇଁ ତହସିଲ୍ କାର୍ଯ୍ୟାଳୟଗୁଡ଼ିକ ଏକ ୱାନ୍ ଷ୍ଟପ୍ ସଲ୍ୟୁସନ୍ ଭଳି କାର୍ଯ୍ୟ କରିବ । ରାଜ୍ୟର ସମସ୍ତ ତହସିଲ୍ରେ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍ ଖୋଲାଯିବ । ଏହି କ୍ରମରେ ପ୍ରାୟ ୫୬ଟି ତହସିଲ୍କୁ ଛାଡ଼ି ସବୁ ତହସିଲ୍ରେ ସବ୍-ରେଜିଷ୍ଟ୍ରସନ୍ କାର୍ଯ୍ୟାଳୟ ଖୋଲାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କଟକ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ରେ ଆୟୋଜିତ ଅନ୍ତର୍ଜାତୀୟ ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତା 'ଓଡ଼ିଶା ମାଷ୍ଟର୍ସ-୨୦୨୫'ର ତୃତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି :

*Voice (CM) :...............*

***Desk***

# କୋଣାର୍କ ଇକୋ ରିଟ୍ରିଟ୍

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଇକୋ ରିଟ୍ରିଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକମାନେ ଯୋଗଦେବେ । ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୦ଟି ବିଳାସପୂର୍ଣ୍ଣ ତମ୍ବୁଘର ନିର୍ମାଣ କରାଯାଇଛି । ଏହି ମନୋରମ ପରିବେଶ ମଧ୍ୟରେ ପର୍ଯ୍ୟଟକମାନେ ରାତ୍ରିଯାପନ ସହ ସାମୁଦ୍ରିକ ଜଳକ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିବେ ।

***Puri/R***

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳରେ ଆଜି ସନ୍ଧ୍ୟାରେ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଆସନ୍ତା ୧୬ ତାରିଖଠାରୁ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ହେବାକୁ ଥିବା ପହିଲି ଭୋଗ ନୀତି ନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହେବ । ଏଥିସହ ଜାନୁୟାରୀ ୩ ତାରିଖରେ

ଦେବାଭିଷେକ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ । ସେହିପରି ଇଂରାଜୀ ନବବର୍ଷରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

***Jajpur/R***

# ପର୍ଯ୍ୟଟନ କମିଶନର

ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଦିନିକିଆ ଯାଜପୁର ଗସ୍ତରେ ଯାଇ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଓଲାଶୁଣି ଗୁମ୍ଫା ସମେତ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ଲଳିତଗିରି ବୁଲି ସ୍ଥିତି ସମୀକ୍ଷା କରିଛନ୍ତି । ପରେ ଉଦୟଗିରି ଓ ରତ୍ନଗିରି ପରିଦର୍ଶନ କରିବା ସହ ବୌଦ୍ଧ ଧର୍ମଗୁରୁ, ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏହି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହାର ଉନ୍ନତିପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

***Ganjam/R***

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ପୁରୀ ଶ୍ରୀକ୍ଷେତ୍ର ଦର୍ଶନ କରାଇବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ସଫଳ

ରୂପାୟନ ଲାଗି ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରୁ ମୋଟ୍ ୫୫୦ ଜଣ ବରିଷ୍ଠ ନାଗରିକଙ୍କୁ ସାମିଲ୍ କରାଯାଇଛି । ତୀର୍ଥଯାତ୍ରୀମାନଙ୍କ ସୁରକ୍ଷିତ ଭାବେ ଜଗନ୍ନାଥଙ୍କ ଦର୍ଶନ କରାଇବାପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Sonepur/R***

## ଅଷ୍ଟଧାତୁ ମୂର୍ତ୍ତି

ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ୪୨ ବର୍ଷ ପୂର୍ବେ ଚୋରି ହୋଇଥିବା ଅଷ୍ଟଧାତୁରେ ନିର୍ମିତ ୧୨ ଠାକୁରଙ୍କ ମୂର୍ତ୍ତି ପୁନର୍ବାର ସୁବର୍ଣ୍ଣପୁରରେ ପହଞ୍ଚିଛି । ଭୁବନେଶ୍ୱରର ମାଲଖାନାଠାରୁ କଡ଼ା ସୁରକ୍ଷା ମଧ୍ୟରେ ମୂର୍ତ୍ତିଗୁଡ଼ିକୁ ସୁବର୍ଣ୍ଣପୁରକୁ ନିଆଯାଇଥିଲା ।

***Desk***

## ସିଭିଲ୍ ସର୍ଭିସ୍ ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି.ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍‌ର ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ଜାନୁୟାରୀ ୩୧ ତାରିଖରୁ ଆରମ୍ଭ ହେବ । ଏଥିରେ ମୋଟ୍ ୨ ହଜାର ୪୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

*Nabarangpur/R*

# ମଣ୍ଡେଇ

ନବରଙ୍ଗପୁର ଜିଲ୍ଲାର 'ମଣ୍ଡେଇ' ଲୋକ ମହୋତ୍ସବ ଆଜି ଉଦ୍‌ଘାଟିତ ହେବ । ଅପରାହ୍ଣରେ ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ପ୍ରଜ୍ଜ୍ୱଳିତ ମଶାଲ, ଭୀମା-ଭୀମାଣୀ, ଦେବୀଲାଠି, ଚୌକି ଆଦି ମଣ୍ଡେଇ ପଡ଼ିଆରେ ପହଞ୍ଚିବ । ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୮ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ନିୟୋଜିତ କରାଯାଇଛି ।

*Ganjam/R*

# ପୁଲିସ୍ ଚାମ୍ପିୟନ୍‌ସିପ୍

ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଚତୁର୍ଥ ରାଜ୍ୟସ୍ତରୀୟ ପୁଲିସ୍ ଏକ୍ସପେରିମେଣ୍ଟ ଚାମ୍ପିୟନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି । ଚାରିଦିନବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୭ଟି ଦଳର ୧୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

***Met. O.***

# ଶୀତ ଲହରୀ

ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ସିମିଳିଗୁଡ଼ାଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍‌ ରହିଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରୀ ବୃଦ୍ଧି ପାଇବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****